## • କଠିନ ଶବ୍ଦର ଅର୍ଥ :

ଉଦାର - ସଂକୀର୍ଣ୍ଣତା ନଥିବା
ସ୍ନେହଭୋଳେ - ସ୍ନେହରେ ଭୁଲିଯାଇ
ଶୋଭାସଦନ - ସୌନ୍ଦର୍ଯ୍ୟର ଘର
ଚରଣ - ପାଦ
କାମଧେନୁ - ସ୍ୱର୍ଗରଗାଈ (କାମନାପୂରଣ କାରିଣୀ)
ପୁଣ୍ୟମୟ - ପବିତ୍ର
ମହାତୀର୍ଥ - ଶ୍ରେଷ୍ଠତୀର୍ଥ
ମୁକ୍ତି - ମୋକ୍ଷ
ତଟେ - ତୀରରେ
କନ୍ଦର - ଗୁମ୍ଫା
ମହାଜନ - ମହାପୁରୁଷ
ପ୍ରଚାରିଲେ - ପ୍ରଚାର କଲେ
ମହାତ୍ମା - ମହତ ଲୋକ
ଧର୍ମବୀର - ଧାର୍ମିକ ପୁରୁଷ
ଯଶ - ସୁନାମ
ମହୀ - ପୃଥିବୀ
ଅସୀମ - ଅନେକ, ପ୍ରଚୁର, ସୀମାହୀନ
ଅବନୀ - ପୃଥିବୀ
ବିଭବ - ଧନ

ଗୌରବ - ଗରିମା
ଅମରନୀତି - କାଳଜୟୀ କବିତା
ଅଧମ - ହୀନ
ଉତ୍କଳଭୂମି - ଓଡ଼ିଶାମାଟି
ସୁତ - ପୁତ୍ର
ସିନ୍ଧୁ - ସମୁଦ୍ର
ଶୋଭେ - ଶୋଭାପାଏ
ରେଣୁ - ଧୂଳି
ତପୋଧନ - ମୁନି, ଋଷି, ତପସ୍ୱୀ
ଗିରି - ପାହାଡ଼
ତପସ୍ୟା - ସାଧନା
ମହାଭାବ - ପ୍ରେମର ଚରମ ଅବସ୍ଥା
ଯୁଗଧର୍ମ - ଯୁଗ ଅନୁସାରେ ନୀତି
ଦିବ୍ୟଜ୍ୟୋତି - ସ୍ୱର୍ଗୀୟ ଦୀପ୍ତି
ନିର୍ମିଲେ - ତିଆରି କଲେ
ଅର୍ଜିଲେ - ଅର୍ଜନ କଲେ
ରଣେ - ଯୁଦ୍ଧରେ
ମହିମା - ମହତ୍ତ୍ୱ
କବିବରେ - ଶ୍ରେଷ୍ଠ କବିଗଣ
ସୁମରି - ମନେପକାଇ
ଅକ୍ଷମ - ଦୁର୍ବଳ, ଅଯୋଗ୍ୟ

## (କ) ଅତିକ୍ଷୁଦ୍ର ଉତ୍ତରମୂଳକ :

୧। ଏହି କବିତାରେ କାହାର ବନ୍ଦନା କରାଯାଇଛି ?

ଏଇ କବିତାରେ ଆମର ଜନ୍ମଭୂମି ଉତ୍କଳମାତାର ବନ୍ଦନା କରାଯାଇଅଛି ।

୨। ଉତ୍କଳଭୂମିକୁ କେଉଁ ବିଶେଷଣରେ ଚିହ୍ନିତ କରାଯାଇଛି ?

ଉତ୍କଳଭୂମିକୁ "ଉଦାର" ବୋଲି ଚିହ୍ନିତ କରାଯାଇଛି । କାରଣ ସେ ଆମକୁ ତା' କୋଳରେ ଧାରଣ କରିଅଛି । ଆମ ପାଇଁ ସମସ୍ତ, ସୁଖ ସୁବିଧା ଯୋଗାଇ ଦେଇଅଛି ।

୩। କବିଉତ୍କଳକୁ କ'ଣ ବୋଲି ସମ୍ବୋଧନ କରିଛନ୍ତି ?

କବି ଉତ୍କଳକୁ କରୁଣାମୟୀ ମାଆ ରୂପେ ସମ୍ବୋଧନ କରିଛନ୍ତି । ଆମେ ମା' ପେଟରୁ ଜନ୍ମହୋଇ ମାଟି ମା' କୋଳରେ ପଡୁ । ତା'ରି ପାଣିପବନରେ ବଢୁ । ଅମୃତ ସମ ତା' ବକ୍ଷର ନଦୀ, ଝରଣାର ଜଳପାନ କରି କୋଟି କୋଟି ମଣିଷ ପୁଷ୍ଟ ହେଉଛନ୍ତି । ସେ କାହାକୁ ଦୂରେଇ ଦିଏ ନାହିଁ ।

୪। ମାଆର କେଉଁ ପ୍ରକାର କୋଳରେ ଆମର ଜନ୍ମ ?

ମାଆର ସ୍ନେହଭରା କୋଳରେ ଆମର ଜନ୍ମ । ଆମେ ମାଟି ମା' କୋଳରେ ନାଚୁ, ଖେଳୁ, ବଢୁ । ଜୀବନର ଶେଷ ଲଗ୍ନରେ ମଧ୍ୟ ତା'ରି ବକ୍ଷରେ ଆମର ଚିତା ଜଳେ । ସେ ଆମକୁ କୋଳେଇ ନିଏ ।

୫। କବି କାହାକୁ କରୁଣାମୟୀ କହିଛନ୍ତି ?

କବି ଆମର ଜନ୍ମଭୂମି ଉତ୍କଳଭୂମିକୁ କରୁଣାମୟୀ ବୋଲଇ କହିଛନ୍ତି ।

୬। ଅମୃତ ରସ କେଉଁଠି ପୂରି ରହିଛି ?

ଜନ୍ମଭୂମିର ବକ୍ଷରେ ଅମୃତରସ ପୂରି ରହିଛି । ମାଆ କ୍ଷୀର ଛାଡ଼ିବା ପରେ ଆମେ ମାଟିମାଆ ବକ୍ଷରେ ପ୍ରବାହିତ ନଦୀ, ଝରଣା ତଥା କୂଅ, ନଳକୂଅ ମାଧ୍ୟମରେ ଭୂତଳ ଜଳକୁ ପାନୀୟ ରୂପେ ଗ୍ରହଣ କରିଥାଉ ।

୭। ଶୋଭାସଦନ କିଏ ? ସେହି ସଦନର କିଏ ଶୋଭାବର୍ଦ୍ଧନ କରୁଛନ୍ତି ?

ମାତୃଭୂମି ହେଉଛି ସବୁ ଶୋଭା (ସୌନ୍ଦର୍ଯ୍ୟ)ର ସଦନ ବା ଗନ୍ତାଘର । ତା' ଦେହରେ ବହିଯାଉଥିବା ନଦୀ, ଝରଣା, ତା' ବକ୍ଷରେ ଥିବା ପାହାଡ଼, ପର୍ବତ, ସବୁଜ ଜଙ୍ଗଲ, ଘାସ ଗାଲିଚା, ରଙ୍ଗବେରଙ୍ଗର ଫୁଲ, ପଶୁ, ପକ୍ଷୀମାନେ ଶୋଭା ବର୍ଦ୍ଧନ କରନ୍ତି ।

୮। କିଏ କାହାର ପାଦ ଧୋଉଥିବା କୁହାଯାଇଛି ?

ସମୁଦ୍ର ଆମ ମାତୃଭୂମିର ପାଦ ଧୋଇ ଦେଉଛି ବୋଲି କୁହାଯାଇଛି । ଓଡ଼ିଶା ଉପକୂଳରେ ବଙ୍ଗୋପସାଗର, ଭାରତର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଆରବ ସାଗର ଏବଂ ଦକ୍ଷିଣରେ ଭାରତ ମହାସାଗର ରହିଛି ।

୯। ମୁକ୍ତି ଭିକାରି କିଏ ?

କୋଟି କୋଟି ନରନାରୀ ହେଉଛନ୍ତି ମୁକ୍ତି ଭିକାରୀ । ସେମାନେ ଆମ ଜନ୍ମଭୂମି ବକ୍ଷରେ ଥିବା ବିଭିନ୍ନ ତୀର୍ଥକୁ ଯାଇ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି । ମୋକ୍ଷଲାଭ ପାଇଁ କାମନା କରନ୍ତି ।

୧୦। ତପୋଧନମାନେ କେଉଁଠାରେ ରହନ୍ତି ବୋଲି କୁହାଯାଇଛି ?

ତପୋଧନ (ମୁନି, ଋଷି, ତପସ୍ୱୀ)ମାନେ ସାଧାରଣତଃ ସମୁଦ୍ର ତଟରେ, ପାହାଡ଼ ଗୁମ୍ଫାରେ, ଜଙ୍ଗଲରେ ଆଶ୍ରମ କରି ରହିଥାନ୍ତି ।

୧୧। ଯୁଗଧର୍ମ କେଉଁମାନେ ପ୍ରଚାର କରିଛନ୍ତି ?

ସାଧୁ, ସନ୍ଥ, ତପସ୍ୱୀମାନେ ସାଧନାରେ ସିଦ୍ଧିଲାଭ କରି ହୃଦୟରେ ମହାଭାବ ଧରି ଯୁଗଧର୍ମ ପ୍ରଚାର କରିଛନ୍ତି । ସାମାଜିକ ରୀତିନୀତି, ପାରସ୍ପରିକ ସଂପର୍କ, ବିଭିନ୍ନ ପ୍ରଥା, ପରମ୍ପରା, ଚଳଣି ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି ।

୧୨। କାହାକୁ ଦେଖି ମହାତ୍ମାମାନେ ବିମୋହିତ ହୋଇଛନ୍ତି ?

ମାତୃଭୂମିର ଦିବ୍ୟଜ୍ୟୋତି ଅର୍ଥାତ୍ ସ୍ୱର୍ଗୀୟ ଦୀପ୍ତି ଦେଖି ବିଶେଷ ଭାବରେ ଆନନ୍ଦିତ ଏବଂ ଅନୁପ୍ରାଣିତ ହୋଇଛନ୍ତି ଶଙ୍କରାଚାର୍ଯ୍ୟଙ୍କ ଭଳି ମହାତ୍ମାମାନେ ।

୧୩। ଧର୍ମବୀରମାନେ କ'ଣ ନିର୍ମାଣ କରିଛନ୍ତି ?

ଧର୍ମବୀରମାନେ ମାଟି ବକ୍ଷରେ ନିର୍ମାଣ କରିଛନ୍ତି ଅନେକ ମଠ, ମନ୍ଦିର, ଧର୍ମଶାଳା, ଆଶ୍ରମ । ଯଯାତି କେଶରୀ, ଲଲାଟେନ୍ଦୁ କେଶରୀ,

ଅନଙ୍ଗଭୀମଦେବ, ଲାଙ୍ଗୁଳା ନରସିଂହ ଦେବ, ମର୍କତ କେଶରୀ, ମୁକୁନ୍ଦଦେବ ଆଦି ଧାର୍ମିକ ଶାସକମାନେ ଆମ ଓଡ଼ିଶା ବକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ସୂର୍ଯ୍ୟମନ୍ଦିର, ବିରଜାମନ୍ଦିର, ବାରବାଟୀ ଦୁର୍ଗ ଆଦି ନିର୍ମାଣ କରିଯାଇଛନ୍ତି ।

୧୪। ଅବନୀ କାହାର ଯଶରେ ପୂରିଥିଲା ?

ଆମ ମାତୃଭୂମିର ବୀର ସନ୍ତାନମାନେ ଯୁଦ୍ଧରେ ଶତ୍ରୁର ମୁକାବିଲା କରି ନିଜର ଅସୀମ ଶକ୍ତି, ସାହସର ପରିଚୟ ଦେଇଛନ୍ତି । ଜନ୍ମଭୂମିର ନାମକୁ ଉଜ୍ଜ୍ୱଳ କରିଛନ୍ତି । କଳିଙ୍ଗର ବୀରତ୍ୱ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିଲା ।

୧୫। ଉତ୍କଳର କାବ୍ୟକୁଞ୍ଜ କେଉଁଥିରେ ପରିପୂର୍ଣ୍ଣ ?

କବିମାନଙ୍କ ଲେଖନୀ ନିସୃତ କାଳଜୟୀ ଗୀତ, କବିତାରେ ପରିପୂର୍ଣ୍ଣ ଉତ୍କଳର କାବ୍ୟକୁଞ୍ଜ । ଆଦିକବି ସାରଳାଦାସ, ଫକୀରମୋହନ, ରାଧାନାଥ, ଗଙ୍ଗାଧର, ମଧୁସୂଦନ, ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତଚରଣ ଆଦି କବିମାନେ ବହୁକାବ୍ୟ କବିତା ସୃଷ୍ଟି କରିଯାଇଛନ୍ତି ।

୧୬। କବି ଉତ୍କଳର କେଉଁଗୁଣକୁ ସ୍ମରଣ କରିଛନ୍ତି ?

କବି ଉତ୍କଳର ପୁଣ୍ୟ ବିଭବ, ଅତୀତ ଗୌରବ, ଐତିହ୍ୟ ଏବଂ ପରମ୍ପରାକୁ ସ୍ମରଣ କରିଛନ୍ତି ।

୧୭। କବି କାହାକୁ ପ୍ରଣାମ ଜଣାଇଛନ୍ତି ?

କବି ଜନନୀ ଜନ୍ମଭୂମିର ଚରଣରେ ଭକ୍ତିପୂତ ପ୍ରଣାମ ଜଣାଇଛନ୍ତି ।

## (ଖ) କ୍ଷୁଦ୍ର ଉତ୍ତର ମୂଳକ :

୧୮। ମାଆ ତା'ର ସନ୍ତାନମାନଙ୍କୁ କିପରି ପାଳନ କରୁଛି ?

ମାଆ ତା'ର ସନ୍ତାନମାନଙ୍କୁ ସ୍ନେହଶ୍ରଦ୍ଧା ଦେଇ ଖୁବ୍ ଆଦରରେ ପାଳନ କରୁଛି । ଆମେ ମା' ପେଟରୁ ଜନ୍ମ ହୋଇ ମାଟି ମା' କୋଳରେ ପଡୁ । ତା' ଉପରେ ନାଚୁ, ଖେଳୁ, ବସବାସ କରୁ । ସେ ଆମ ପାଇଁ ଖାଦ୍ୟ, ବସ୍ତ୍ର, ପାନୀୟ ସଜାଇ ରଖିଥାଏ । ମାଆର କ୍ଷୀର ଅମୃତ ସଦୃଶ ମାଟି ମା' ବକ୍ଷରେ ପ୍ରବାହିତ ନଦୀ, ଝରଣାର ଜଳ ପାନ କରୁ । ଶେଷରେ ତା'ରି କୋଳରେ ଆମେ ଶେଷ ବିଶ୍ରାମ ନେଉ ।

୧୯। କୋଟି କୋଟି ମାନସ କିପରି ସୁଖୀ ହୋଇଛି ?

ଆମ ଜନ୍ମଭୂମି ତା' କୋଳରେ କୋଟି କୋଟି ମଣିଷ, ଜୀବଜନ୍ତୁ, ବୃକ୍ଷଲତାଙ୍କୁ ଧରି ରଖିଛି । ସମସ୍ତେ ତା' ବକ୍ଷର କ୍ଷୀର ସଦୃଶ ତା' ନଦୀ, ଝରଣାର ଜଳପାନ କରି ବଞ୍ଚିଛନ୍ତି । ସମସ୍ତଙ୍କ ପାଇଁ ସେ ଖାଦ୍ୟ, ବସ୍ତ୍ରାଦି ସଜାଇ ରଖିଛି । ସମସ୍ତେ ତା' ଉପରେ ଘର କରି ବସବାସ କରୁଛନ୍ତି । ତା'ର ଶୋଭା ଦେଖି ମୁଗ୍ଧ ହେଉଛନ୍ତି । ସୁଖରେ କାଳ କାଟୁଛନ୍ତି ।

୨୦। ଧର୍ମର କାମଧେନୁ ବୋଲି କାହାକୁ କୁହାଯାଇଛି ?

ଧର୍ମର କାମଧେନୁ ବୋଲି ମାତୃଭୂମିକୁ କୁହାଯାଇଛି। କାମଧେନୁ ହେଉଛି ସ୍ୱର୍ଗର ଗାଈ । ସେ ସବୁରି ଅଭିଳାଷ ପୂରଣ କରିଥାଏ । ମାତୃଭୂମି ସେମିତି ତା' କୋଳରେ ବାସ କରୁଥିବା ସମସ୍ତଙ୍କ ପାଇଁ ଆବଶ୍ୟକ ବଞ୍ଚିବାର ଉପାଦାନ ଯୋଗାଇଥାଏ । ତା'ର ଧୂଳି ମାଟି ଖୁବ୍ ପବିତ୍ର । ତା' ବକ୍ଷରେ ଅନେକ ତୀର୍ଥସ୍ଥଳ, ମନ୍ଦିର, ମସଜିଦ୍, ଗୁରୁଦ୍ୱାର, ମଠ ରହିଛି । ସବୁ ଧର୍ମର ଲୋକଙ୍କୁ ସେ ଧାରଣ କରିଛି ।

୨୧। କେଉଁମାନେ ଯୁଗଧର୍ମ ପ୍ରଚାର କଲେ ?

ମୁନିଋଷି ତପସ୍ୱୀମାନେ ଗିରିଗୁମ୍ଫାରେ ତପସାଧନା କରି ଜ୍ଞାନ ଆହରଣ ପୂର୍ବକ ହୃଦୟରେ ମହାଭାବ ଧାରଣ କରି ଯୁଗଧର୍ମ ପ୍ରଚାର କରିଥିଲେ । ସେମାନେ ସମାଜର ରୀତିନୀତି, ମାନବିକ ଗୁଣ ଚରିତ୍ର, ଆଚରଣ ସଂପର୍କରେ ବିଧି ପ୍ରଣୟନ କରିଥିଲେ ।

୨୨। ଉତ୍କଳକୁ ବୀରଜନନୀ ବୋଲି କୁହାଯାଇଛି କାହିଁକି ?

ଉତ୍କଳକୁ ବୀର ଜନନୀ ବୋଲି କୁହାଯାଇଛି କାରଣ ଯୁଗେ ଯୁଗେ ଓଡ଼ିଆ ବୀରମାନେ ସେମାନଙ୍କର ବୀରତ୍ୱ ଦେଖାଇ ଆସିଛନ୍ତି । ଗଙ୍ଗାଠାରୁ ଗୋଦାବରୀଯାଏ ଉତ୍କଳର ସୀମା ବୃଦ୍ଧି କରିପାରିଥିଲେ ଏଇ ସାହସୀ ବୀର ଓଡ଼ିଆମାନେ, ଜୟୀରାଜଗୁରୁ, ବକ୍ସି ଜଗବନ୍ଧୁ, ଏିରଖାରବେଳ ଆଦି ଓଡ଼ିଶାର ଗର୍ବ ଆଉ ଗୌରବ । ଓଡ଼ିଆପୁଅ ଟାଙ୍ଗି ଖୁଣ୍ଟିଆ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମର ସ୍ୱର ତୋଳିଥିଲେ ।

୨୩। ଯୁଦ୍ଧବୀରମାନେ କିପରି ଯଶ ଅର୍ଜିଲେ ?

ଆମ ଜନ୍ମଭୂମି ଉତ୍କଳ ବୀର ପ୍ରସବିନୀ । ଓଡ଼ିଆ ପାଇକପୁଅର ବୀରତ୍ୱ ଆଗରେ ଶତ୍ରୁର ମୁଣ୍ଡ ନଇଁ ଯାଉଥିଲା । ଓଡ଼ିଆ ବୀରମାନେ ଗଙ୍ଗାଠାରୁ

ଗୋଦାବରୀ ଜୟ କରିଥିଲେ । ରଣକ୍ଷେତ୍ରରେ ଅସୀମ ସାହସ ଓ ବୀରତ୍ୱ ଦେଖାଇ ଯଶର ଅଧିକାରୀ ହୋଇଥିଲେ ।

୨୪। କବି କ'ଣ ସ୍ମରଣ କରିଛନ୍ତି ?

• କବି ମାତୃଭୂମିର ଅତୀତ ଗୌରବ, ମହନୀୟ ପରମ୍ପରା, ଯଶ ବିଭବ ସଂପର୍କରେ ମନେପକାଇଛନ୍ତି । ଅତୀତ ସହିତ ବର୍ତ୍ତମାନର ତୁଳନା କରି କ୍ଷୋଭ ପ୍ରକାଶ କରିଛନ୍ତି । ମା' ମାତୃଭୂମି ସେବାରେ ଜୀବନ ଉତ୍ସର୍ଗ କରିବା ପାଇଁ ଶପଥ କରିଛନ୍ତି ।

## (ଗ) ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

| | | |
|---|---|---|
| ୨୫। | ପ୍ରଚାରିଲେ | ପ୍ରଚାର କଲେ |
| | ନିର୍ମିଲେ | ନିର୍ମାଣକଲେ |
| | ପରକାଶି | ପ୍ରକାଶି |
| | ଜନମିଲେ | ଜନ୍ମିଲେ |
| | ଅର୍ଜିଲେ | ଅର୍ଜନ କଲେ |
| ୨୬। | ଅବନୀ | ପୃଥିବୀ, ମହୀ |
| | ସିନ୍ଧୁ | ସମୁଦ୍ର, ସାଗର |
| | ତଟ | ତୀର, କୂଳ |
| | ଜନନୀ | ମାତା, ମାଆ |
| | ଚରଣ | ପାଦ, ପୟର |
| ୨୭। | ସୁଖ | ଅସୁଖୀ |
| | ମାପ | ଅମାପ |
| | ପ୍ରକାଶ | ଅପ୍ରକାଶ |
| | ଧର୍ମ | ଅଧର୍ମ |
| | କ୍ଷମ | ଅକ୍ଷମ |

୨୮। ସ୍ନେହ : ମାଆ ତା'ର ସନ୍ତାନମାନଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସ୍ନେହ କରେ ।

ମୁକ୍ତି : ପାପମୁକ୍ତି ପାଇଁ ଆଗରୁ ଲୋକେ ପ୍ରାୟଶ୍ଚିତ୍ତ କରୁଥିଲେ ।

ଯଶ : ଯଶ ଚିର ଅମର ରହେ ।

ବିଭବ : ଉତ୍କଳଜନନୀର ଯଶ, ବିଭବ ଚିର ଅମର ରହିବ ।

ଅକ୍ଷମ : ଯିଏ ଅକ୍ଷମ ସେ ଶତ୍ରୁ ସହିତ ଲଢ଼ିବାକୁ ପଛଘୁଞ୍ଚା ଦିଏ ।

୨୯। 'କ' ସ୍ତମ୍ଭ 'ଖ' ସ୍ତମ୍ଭ

| (କ) | (ଖ) |
|---|---|
| ଅମୃତ | ରସ |
| ମୁକ୍ତି | ଭିକାରି |
| କାବ୍ୟକୁଞ୍ଜ | ଅମରଗୀତ |
| ଅଧମ | ଅକ୍ଷମ |
| ଦିବ୍ୟ | ଜ୍ୟୋତି |